# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
## 7 November – 2025

## ବନ୍ଦେ ମାତରମ୍

ରାଷ୍ଟ୍ରଗୀତ "ବନ୍ଦେ ମାତରମ୍"କୁ ଆଜି ୧୫୦ ବର୍ଷ ପୂରଣ ହୋଇଛି । ନୂଆଦିଲ୍ଲୀଠାରେ ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବର୍ଷବ୍ୟାପୀ ସ୍ମାରକୀ ସମାରୋହର ଉଦ୍‌ଘାଟନ କରିବେ। ଏହି ଅବସରରେ ପ୍ରାମାଣିକ ଚିତ୍ର ପ୍ରଦର୍ଶନ ହେବା ସହିତ ପ୍ରଧାନମନ୍ତ୍ରୀ ସ୍ମାରକୀ ଡାକଟିକଟ ଓ ମୁଦ୍ରାର ଉନ୍ମୋଚନ କରିବାର କାର୍ଯ୍ୟସୂଚୀ ରହିଛି । ଦେଶର ଯୁବବର୍ଗଙ୍କ ମଧ୍ୟରେ ଦେଶପ୍ରେମର ଭାବନାକୁ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ଆଜି ଦେଶର ୧୫୦ଟି ସ୍ଥାନରେ ଏହି ଗୀତର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହିକ୍ରମରେ ରାଜ୍ୟର ଭୁବନେଶ୍ୱର, ବ୍ରହ୍ମପୁର, ବାଲେଶ୍ୱର, କେନ୍ଦୁଝର ଏବଂ ରାଉରକେଲାରେ ମଧ୍ୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଉଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି । ବଙ୍କିମ୍ ଚନ୍ଦ୍ର ଚାଟାର୍ଜୀ ୧୮୭୫ ମସିହାରେ "ବନ୍ଦେ ମାତରମ୍" ଗୀତର ରଚନା କରିଥିଲେ ।

## ଇଣ୍ଡିଆନ୍ ରୋଡ୍ କଂଗ୍ରେସ

ଭୁବନେଶ୍ୱରସ୍ଥିତ ଜନତା ମଇଦାନଠାରେ ୮୪ତମ ଇଣ୍ଡିଆନ୍ ରୋଡ୍ କଂଗ୍ରେସ ଆଜିଠାରୁ ଆରମ୍ଭ ହେଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ

ଏହାର ଶୁଭାରମ୍ଭ କରିବେ । ଏ ସମ୍ପର୍କରେ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି କାର୍ଯ୍ୟକ୍ରମରେ ଭାରତର ସଡ଼କ ଭିତ୍ତିଭୂମିକୁ ସୁଦୃଢ଼ ଓ ଉନ୍ନତ କରିବା ପାଇଁ ବିଭିନ୍ନ ଅଧିବେଶନରେ ଆଲୋଚନା ହେବ । ଚଳିତ ବର୍ଷ ଭାରତର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମାର୍ଗ ନିର୍ମାଣ ବିଷୟବସ୍ତୁକୁ ନେଇ ଅଧିବେଶନ ଗୁଡ଼ିକର ଆୟୋଜନ କରାଯିବ ।

**V/O**

କାର୍ଯ୍ୟକ୍ରମରେ ୩ ହଜାରରୁ ଊର୍ଦ୍ଧ୍ୱ ପ୍ରତିଭାଗୀ ଯୋଗଦେବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

## ବିହାର ବିଧାନସଭା ନିର୍ବାଚନ

ବିହାର ବିଧାନସଭା ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୬୪ଦଶମିକ ୬/୬ ପ୍ରତିଶତ ମତଦାନ ହୋଇଥିବା ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସୂଚନା ମିଳିଛି । ବିଗତ ବର୍ଷ ଗୁଡ଼ିକରେ ରାଜ୍ୟରେ ହୋଇଥିବା ମତଦାନ ହାରଠାରୁ ଚଳିତବର୍ଷର ମତଦାନ ହାର ଅଧିକ ରହିଥିବା ଆୟୋଗ କହିଛନ୍ତି । ସୂଚନା ଅନୁସାରେ ଗତକାଲି ପ୍ରଥମ ପର୍ଯ୍ୟାୟରେ ୧୮ଟି ଜିଲ୍ଲାର ୧୨୧ଟି ବିଧାନସଭା ଆସନ ପାଇଁ ଭୋଟ୍‌ଗ୍ରହଣ ହୋଇଥିଲା ।

## ନୂଆପଡ଼ା ଉପନିର୍ବାଚନ

ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଗତକାଲି ବି.ଜେ.ପି.ର ବରିଷ୍ଠ ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦଳୀୟ ପ୍ରାର୍ଥୀଙ୍କ ପାଇଁ

କୋମନା ଉଦ୍ୟାନବନ୍ଧରେ ରୋଡ୍‌ଶୋ’ କରିବା ସହିତ ନିର୍ବାଚନ ପ୍ରଚାର କରିଛନ୍ତି ।

ବି.ଜେ.ଡି. ପକ୍ଷରୁ ଆଜି ବରିଷ୍ଠ ନେତା ତଥା ଦଳର ସଭାପତି ନବୀନ ପଟ୍ଟନାୟକ ପ୍ରଚାର କରିବେ । କଂଗ୍ରେସ ପକ୍ଷରୁ ଗତକାଲି ଦଳର ସଭାପତି ଭକ୍ତଚରଣ ଦାସଙ୍କ ସମେତ ଅନ୍ୟ ବରିଷ୍ଠ ନେତା ପ୍ରଚାର କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

ନୂଆପଡ଼ା ବିଧାନସଭା ଉପନିର୍ବାଚନପାଇଁ ଆସନ୍ତା ୧୧ ତାରିଖରେ ଭୋଟ୍‌ଗ୍ରହଣ କରାଯିବ। ୧୪ ତାରିଖରେ ଭୋଟ୍ ଗଣତି ସହ ଫଳାଫଳ ପ୍ରକାଶ ପାଇବ।

## ସଂସ୍କାର କମିଟି ଗଠନ

ରାଜ୍ୟର ପ୍ରଶାସନିକ ଢ଼ାଞ୍ଚାର ସମୀକ୍ଷା, ପ୍ରଣାଳୀଗତ ତ୍ରୁଟି ଓ ପ୍ରତିବନ୍ଧକୁ ଚିହ୍ନଟ ଓ ଭବିଷ୍ୟତ ଦୃଷ୍ଟିକୋଣରୁ ସଂସ୍କାରମୂଳକ ପରାମର୍ଶ ଦେବାପାଇଁ ସରକାରଙ୍କ ପକ୍ଷରୁ ଏକ ସଂସ୍କାରକମିଟି ଗଠନ ପାଇଁ ନିଷ୍ପତ୍ତି ନିଆଯାଇଛି । ରାଜ୍ୟପାଳଙ୍କ ଅନୁମୋଦନ କ୍ରମେ ଏନେଇ ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । କମିଟିର ଅଧ୍ୟକ୍ଷ ଭାବେ ପୂର୍ବତନ ପ୍ରଶାସନିକ ଅଧିକାରୀ ଯୁଗଳ କିଶୋର ପଟ୍ଟନାୟକ ରହିଛନ୍ତି । ବିକଶିତ ଓଡ଼ିଶା ୨୦୩୬ ଓ ୨୦୪୭ ଆଭିମୁଖ୍ୟକୁ ଲକ୍ଷ୍ୟରଖି ବର୍ତ୍ତମାନ ରହିଥିବା ପ୍ରଶାସନିକ ଢ଼ାଞ୍ଚା, ନୀତି ଓ ପ୍ରକ୍ରିୟାକୁ କମିଟି ସମୀକ୍ଷା କରିବ ।

## ହକି– ୧୦୦ ବର୍ଷ

ଭାରତୀୟ ହକି ଚଳିତ ବର୍ଷ ୧୦୦ ବର୍ଷ ପୂରଣ କରିଛି। ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ ଜାତୀୟ ଷ୍ଟାଡିୟମ୍‌ଠାରେ ଆଜି ହକି ଇଣ୍ଡିଆ ସହ କେନ୍ଦ୍ର କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଭାରତୀୟ ହକିର ଶତବାର୍ଷିକୀ ଉତ୍ସବ ଅନୁଷ୍ଠିତ ହେବ। ଭାରତର ୫୫୦ରୁ ଅଧିକ ଜିଲ୍ଲାରେ ସମାନ୍ତରାଳ ଭାବରେ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ। ଏହି ଅବସରରେ 'ଭାରତୀୟ ହକିର ୧୦୦ ବର୍ଷ' ନାମକ ସ୍ମାରକୀ ପୁସ୍ତକ ଉନ୍ମୋଚନ କରାଯିବ।

## ଓପିଏସ୍‌ସି ପରୀକ୍ଷା

ଓଡ଼ିଶା ଲୋକସେବା ଆୟୋଗ ଓପିଏସ୍‌ସି ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ ପ୍ରିଲିମିନାରୀ ପରୀକ୍ଷାଫଳ ପ୍ରକାଶ ପାଇଛି । ଏଥିରେ ମୋଟ ୨ହଜାର ୪୦୫ଜଣ କୃତକାର୍ଯ୍ୟ ହୋଇଛନ୍ତି । ମୁଖ୍ୟ ଲିଖିତ ପରୀକ୍ଷା ନେଇ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଓପିଏସ୍‌ସି ପକ୍ଷରୁ କୁହାଯାଇଛି ।

## ଭୋଟର ସହାୟତା କେନ୍ଦ୍ର

ଐତିହାସିକ ବାଲିଯାତ୍ରା କଟକରେ ଭୋଟର ତାଲିକାରେ ଶତପ୍ରତିଶତ ନାମ ପଞ୍ଜିକରଣ କରିବା ନେଇ ମୁଖ୍ୟ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟ ଓ ସ୍ଥାନୀୟ ନିର୍ବାଚନ ବିଭାଗର ମିଳିତ ଆନୁକୂଲ୍ୟରେ ଏକ ଭୋଟର

ସହାୟତା କେନ୍ଦ୍ର ଖୋଲାଯାଇଛି । ଏହି କେନ୍ଦ୍ରରେ ତଥ୍ୟଯୁକ୍ତ ଷ୍ଟାଣ୍ଡି, ଏଲ୍ଇଡି ଭିଡ଼ିଓ ଏବଂ ସ୍ଥାନୀୟ ନିର୍ବାଚନ ବିଭାଗର କର୍ମଚାରୀଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ନୂଆ ଭୋଟର ଭାବେ ନାମ ପଞ୍ଜିକରଣ, ଅପସାରଣ, ଭ୍ରମ ସଂଶୋଧନ ଓ ଆଧାର ସହ ଭୋଟର କାର୍ଡ ସଂଯୋଗୀକରଣ ସମ୍ପର୍କରେ ସୂଚନା ଦିଆଯାଇଛି ।

## ଜାତୀୟ କ୍ୟାନ୍ସର ସଚେତନତା ଦିବସ ପାଳନ

କର୍କଟ ରୋଗ ବିଷୟରେ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଆଜି ଜାତୀୟ କର୍କଟ ସଚେତନତା ଦିବସ ପାଳନ କରାଯାଉଛି । ଚଳିତ ବର୍ଷର ଏହି ଦିବସର ବାର୍ତ୍ତା ରହିଛି 'ଅନନ୍ୟ ପାଇଁ ଏକତ୍ରିତ ହେବା' । ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ସଚେତନତା ମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ୨୦୧୪ ମସିହାଠାରୁ ଦେଶରେ ପ୍ରତିବର୍ଷ ଜାତୀୟ କର୍କଟ ରୋଗ ସଚେତନତା ଦିବସ ପାଳନ କରାଯାଉଛି ।

## ଶୀତ

ଉତ୍ତରା ବାୟୁ ସହିତ ବାୟୁମଣ୍ଡଳରେ ଜଳୀୟବାଷ୍ପର ପରିମାଣ ହ୍ରାସ ଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ ରାତିର ସର୍ବନିମ୍ନ ତାପମାତ୍ରା ହ୍ରାସ ପାଇବାରେ ଲାଗିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୫ ଦିନ ପରେ ତାପମାତ୍ରା ୨ରୁ ୩ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ

ପାଇବାର ସମ୍ଭାବନା ରହିଛି । ଗତକାଲି ଫୁଲବାଣୀଠାରେ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା ।